# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 August – 2025

*********************************

## ମୁଖ୍ୟ ସମ୍ବାଦ

- ଚାଷୀମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକାତର ସହ କାର୍ଯ୍ୟ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ପିଏମ୍-କିଷାନ ଯୋଜନାରେ ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୦ ହଜାର ୫୦୦ କୋଟି ଟଙ୍କା କଲେ ବଣ୍ଟନ

– ରାଜ୍ୟର ପ୍ରାୟ ୩୫ ଲକ୍ଷ ଚାଷୀ ପାଇଲେ ୬୯୭ କୋଟି ଟଙ୍କା

- ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ହେବ ଆସନ୍ତା ମାସ ୬ ତାରିଖରେ

ଏବଂ

- ରାଜ୍ୟର ବିଭିନ୍ନ ହାଇସ୍କୁଲଗୁଡ଼ିକରେ ୬ ହଜାର ୩୦୦ରୁ ଅଧିକ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦିଆଯିବ ନିଯୁକ୍ତି

*HS*

# ପିଏମ୍ କିଶାନ

ପିଏମ୍ କିଷାନ ସମ୍ମାନନିଧି ଯୋଜନା କୃଷକଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଚାଷୀଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିଛନ୍ତି । ଉତ୍ତରପ୍ରଦେଶର ବାରାଣାସୀରୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତିରେ ୯ କୋଟି ୭୦ଲକ୍ଷରୁ ଅଧିକ ଚାଷୀଙ୍କୁ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରି କହିଛନ୍ତି...

**V/O (PM Kissan)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୋଜନା ଅଧୀନରେ ପ୍ରତିବର୍ଷ ୬ହଜାର ଟଙ୍କାର ଆର୍ଥିକ ଅନୁଦାନ ୩ଟି କିସ୍ତିରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଉଛି । ଏ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ମୋଟ୍ ୩ଲକ୍ଷ ୯୦ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇସାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୨୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଛୋଟ ଜିଲ୍ଲା ଗୁଡ଼ିକର ଉନ୍ନତିକରଣ ଦିଗରେ କାର୍ଯ୍ୟ କରାଯିବ । ଫସଲବୀମା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ଚାଷୀଙ୍କୁ

ପ୍ରଦାନ କରାଯାଇସାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିକଶିତ କୃଷି ସଂକଳ୍ପ ଅଭିଯାନ ମାଧ୍ୟମରେ ପରୀକ୍ଷାଗାରରୁ ଚାଷଜମି ପର୍ଯ୍ୟନ୍ତ ବାର୍ତ୍ତା ପ୍ରଦାନ ସହିତ ସରକାର ୧ଲକ୍ଷ ୨୫ହଜାର କୋଟି ଚାଷୀଙ୍କଠାରୁ ଚାଷକାର୍ଯ୍ୟ ନେଇ ମତ ସଂଗ୍ରହ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Desk***

## ପିଏମ୍‌-କିଷାନନିଧି କିସ୍ତି ପ୍ରଦାନ

ପ୍ରଧାନମନ୍ତ୍ରୀ କିଷାନ ଯୋଜନା କୃଷକମାନଙ୍କୁ ପ୍ରଗତିଶୀଳ କରିବା ସହ ଅର୍ଥନୀତିର ମୁଖ୍ୟସ୍ରୋତରେ ସାମିଲ କରିବାରେ ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା– ସିଫା’ଠାରେ ଆଜି ପିଏମ୍‌-କିଷାନନିଧି ଯୋଜନାର ହିତାଧିକାରୀଙ୍କୁ ୨୦ତମ କିସ୍ତି ସହାୟତାରାଶି ପ୍ରଦାନ କରି ଶ୍ରୀ ମାଝୀ କହିଛନ୍ତି, ପିଏମ୍‌-କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କୃଷକମାନଙ୍କ ବିକାଶ ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୬୯୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସରକାର ସମୃଦ୍ଧ କୃଷକ ଯୋଜନାରେ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍‌ ସହାୟତା, ପିଏମ୍‌-କିଷାନ ଏବଂ ସିଏମ୍‌-କିଷାନରେ ଚାଷୀମାନଙ୍କୁ ବର୍ଷକୁ ୧୦

ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ହିତାଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି । କୃଷକଙ୍କ ଆୟବୃଦ୍ଧି କରିବାରେ କୃଷି ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଶ୍ରୀ ମାଝୀ ଆଲୋକପାତ କରିଥିଲେ । ଏହା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ ପେଡ଼୍, ମା' କେ ନାମ' ଅଭିଯାନରେ ପରିବେଶର ସୁରକ୍ଷା ନେଇ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

***CTC/N.rangpur/N.Garh/DHNKL/Boudh***

## ଜିଲ୍ଲା- ପିଏମ୍ କିଷାନ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପିଏମ୍-କିଷାନ ସମ୍ମାନନିଧି ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି ।

କଟକଠାରେ ଅନୁଷ୍ଠିତ ପିଏମ୍-କିଷାନ ସମ୍ମାନନିଧି ରାଶି ବଣ୍ଟନ କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଜିଲ୍ଲାର ସମୁଦାୟ ୧ ଲକ୍ଷ ୫୭ ହଜାର ୯୪୭ ଜଣ ହିତାଧିକାରୀଙ୍କୁ ୩୧ କୋଟି ୫୮ ଲକ୍ଷ ୯୪ ହଜାର ଟଙ୍କା ପ୍ରଦାନ କରିଛନ୍ତି ।

ବୌଦ୍ଧଠାରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ପିଏମ୍-କିଷାନ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା ।

ଢେଙ୍କାନାଳଠାରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଆଜି ପିଏମ୍-କିଷାନ ସମ୍ମାନନିଧି କିସ୍ତି ବିତରଣ ଉତ୍ସବ ପାଳନ କରାଯାଇଛି । ଢେଙ୍କାନାଳର ୧ ଲକ୍ଷ ୫ ହଜାର ୩୭୩ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ସହାୟତା ରାଶି ପ୍ରତ୍ୟକ୍ଷ ବଣ୍ଟନ କରାଯାଇଛି ।

ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅନୀଲ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଧିକାରୀମାନେ ଯୋଗଦେଇ କେନ୍ଦ୍ରର ଏହି ଯୋଜନା ଯୋଗୁଁ ଜିଲ୍ଲାର ୫୦ ହଜାର ପଞ୍ଜୀକୃତ କୃଷକ ଲାଭାନ୍ୱିତ ହୋଇଛନ୍ତି ବୋଲି ମତପ୍ରକାଶ କରିଛନ୍ତି ।

ନବରଙ୍ଗପୁରର ମିଶନ ଶକ୍ତି ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଜିଲ୍ଲାର ୧ ଲକ୍ଷ ୭ ହଜାର ୫୩୯ ଜଣ ଚାଷୀଙ୍କୁ କିସ୍ତି ବଣ୍ଟନ କରିଛନ୍ତି ।

*Desk*

## ମହାନଦୀ ଜଳ ବିବାଦ

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୬ ତାରିଖରେ ହେବ ବୋଲି ଖଣ୍ଡପୀଠ ପକ୍ଷରୁ ଦର୍ଶାଯାଇଛି। ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ରାଜନୈତିକ ସ୍ତରରେ ଆଲୋଚନା ଜାରି ରହିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିବାଦ ସମ୍ପର୍କରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ପ୍ରତିଉତ୍ତର ଦେଇଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ସହମତି ପ୍ରକାଶ କରିଥିବା ଜଣାଯାଇଛି।

*Desk*

## ଶିକ୍ଷକ ନିଯୁକ୍ତି

ରାଜ୍ୟରେ ଅବସରପ୍ରାପ୍ତ ୬ ହଜାର ୩୮୭ ଶିକ୍ଷକଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ମାଧ୍ୟମରେ ଆଜି ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଅତିଥି ଶିକ୍ଷକମାନଙ୍କୁ ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ସହ ସଂସ୍କୃତ ଟୋଲ ସ୍କୁଲଗୁଡ଼ିକରେ ନିଯୁକ୍ତି ଦିଆଯିବ। ଅବସରପ୍ରାପ୍ତ ଅତିଥି ଶିକ୍ଷକ ମାନେ' ନୂଆ ତାଲିମ ପ୍ରାପ୍ତ ସ୍ନାତକୋତ୍ତର ଶିକ୍ଷକ ନିଯୁକ୍ତ ହେବା ଯାଏଁ ଶିକ୍ଷାଦାନ କରିବେ ବୋଲି ବିଭାଗ ପକ୍ଷରୁ

କୁହାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜ ଅଞ୍ଚଳର ବିଭିନ୍ନ ସ୍କୁଲରେ ଖାଲି ପଡ଼ିଥିବା ପଦବୀ ସମ୍ପର୍କରେ ବିଭାଗକୁ ଅବଗତ କରାଇବେ । ଖାଲି ପଦବୀରେ ସ୍ନାତକୋତ୍ତର ଶିକ୍ଷକ ନିଯୁକ୍ତି ହେବା ପରେ ଅତିଥି ଶିକ୍ଷକମାନଙ୍କୁ ଅପସାରଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Kendrapara***

## ବିକାଶମୂଳକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ାଠାରେ ସାଂସଦ ବୈଜୟନ୍ତ ପଣ୍ଡା’ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଜିଲ୍ଲାର ୧ ଲକ୍ଷ ୨୭ହଜାର ୪୮୪ ଜଣ ଚାଷୀଙ୍କୁ ଆଜି ପିଏମ୍ କିଷାନ ସହାୟତା ରାଶି ବଣ୍ଟନ କରାଯାଇଥିଲା ।

***Desk***

## ଆର୍‌ପିଏଲ୍ ଉଦ୍‌ଘାଟିତ

ଉତ୍ତରଦାୟୀ ପ୍ରଶାସନ ସୁଦୃଢ଼ କରିବା ଏବଂ ଜନଜାତି ସମ୍ପ୍ରଦାୟକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରରେ ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ– ଆର୍.ପି.ଏଲ୍ ଉଦ୍‌ଘାଟିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ଅନସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଜନଜାତି ପରିବାରଙ୍କ ପର୍ଯ୍ୟନ୍ତ ମୌଳିକ ସେବା ପହଁଞ୍ଚାଇବାରେ 'ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ' ଅଭିଯାନର ସୁଫଳ ସମ୍ପର୍କରେ ଆଲୋକପାତ କରିଥିଲେ। ଆର୍‌ପିଏଲ୍ ୨୦ ଲକ୍ଷ ଜନଜାତି ପରିବର୍ତ୍ତନଶୀଳ ନେତୃତ୍ୱର ଏକ କ୍ୟାଡର ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ମିଶନରେ ଏକ ମାଇଲଖୁଣ୍ଟ ବୋଲି ଶ୍ରୀ ଗଣ୍ଡ କହିଛନ୍ତି।

***Khorda***

## ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳଷ୍ଟେସନ୍ ଏବଂ ରେଳ ପ୍ରତିଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ଅଭିଯାନରେ ପ୍ରମୁଖ ଷ୍ଟେସନ୍‌ଗୁଡ଼ିକରେ ଡଷ୍ଟବିନ୍ ବ୍ୟବହାର ଆବର୍ଜନା ବିରୋଧୀ ଏବଂ ଜୈବ ଶୌଚାଳୟ ବ୍ୟବହାର ନେଇ ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ ଜନସଚେତନତା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସମସ୍ତ ଯାତ୍ରୀମାନଙ୍କୁ 'ଡଷ୍ଟବିନ୍ ବ୍ୟବହାର କରନ୍ତୁ, ରେଳପଥକୁ ସଫା ରଖନ୍ତୁ' ପ୍ରଚାର କରାଯାଇ ସ୍ୱଚ୍ଛତା ରକ୍ଷା ପାଇଁ ଅନୁରୋଧ କରାଯାଇଛି।

***Desk***

## ଡାକସେବା ବନ୍ଦ

କୋରାପୁଟ ଡିଭିଜନ୍‌ରେ ଜୟପୁର ମୁଖ୍ୟ ଡାକଘର ସମେତ ସମସ୍ତ ଉପଡାକଘର, ଶାଖା ଡାକଘରରେ ଆଜି ଡାକସେବା ବନ୍ଦ ରହିଛି। ଡାକବିଭାଗ ଦ୍ୱାରା ବ୍ୟବହୃତ ଏସ୍‌ଏସ୍‌ପି ସଫ୍ଟୱେର ବଦଳରେ ନିଜସ୍ୱ

ଜ୍ଞାନକୌଶଳରେ ନିର୍ମିତ ଆଧୁନିକ ଡାକବ୍ୟବସ୍ଥା ଓ ପ୍ରଯୁକ୍ତି ଆଇଟି-୨.୦ ସଫ୍ଟୱେର ପ୍ରଚଳିତ କରାଯାଉଥିବାରୁ ଡାକସେବା ବନ୍ଦ ରହିଛି। କୋରାପୁଟ ଡାକ ଡିଭିଜନ ଅଧିନରେ ଥିବା ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାରେ ଥିବା ଦୁଇଟି ମୁଖ୍ୟ ଡାକଘର ୬୬ଟି ଉପଡାକଘର, ୫୬୨ଟି ଶାଖା ଡାକଘର ବନ୍ଦ ରହିଥିବା ସୂଚନା ମିଳିଛି।

***BHK***

## ମୋ ପଞ୍ଚାୟତରେ ମୋ ତହସିଲ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଅନ୍ତର୍ଗତ କୋଡ଼ ବରୁଆଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର, ସରପଞ୍ଚ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ନୂତନ ଜମିପଟ୍ଟା ବଣ୍ଟନ କରିବା ସହ ବିଭିନ୍ନ ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗର ସମାଧାନ କରିଥିଲେ।

***Koraput***

## ସଡ଼କ ଦୁର୍ଘଟଣା

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମରେ ଏକ ବାଇକ ଓ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇଥିବା ଅନ୍ୟ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଜଣାପଡ଼ିଛି।

*********************************